## ତାରିଣୀ ମନ୍ଦିର ପ୍ରତିଷ୍ଠା ଉତ୍ସବ

କଣିହାଁ,(ଡି.ଏନ.ଏ): କଣିହାଁ ବ୍ଲକ ଏନ୍‌ଟିପିସି ପ୍ରକଳ୍ପ ନିକଟସ୍ଥ ଲୋଧାବନ୍ଧ ଗ୍ରାମରେ ଚାଲିଥିବା ମା' ତାରିଣୀଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ସୋମବାର ଉଦ୍‌ଯାପିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବହୁ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। କର୍ତ୍ତା ଭାବେ ବସନ୍ତ ରଥ ଓ ରଶ୍ମିବାଳା ରଥ କାର୍ଯ୍ୟ ତୁଲାଇଥିଲେ। ପଣ୍ଡିତ ବିଭୂତି ପାଳ ଓ ବୈଦିକ ବ୍ରାହ୍ମଣ ପରିଷଦ ଓଡ଼ିଶାର ସମ୍ପାଦକ ସତ୍ୟନାରାୟଣ ତ୍ରିପାଠୀ, ସୁଧାଂଶୁ ମିଶ୍ର, ଶ୍ରୀନିବାସ ମିଶ୍ର, ଘଟଗାଁ ତାରିଣୀ ମନ୍ଦିର ପୂଜକ ପ୍ରଶାନ୍ତ ନାୟକ ପ୍ରମୁଖ କାର୍ଯ୍ୟ ସମ୍ପାଦନ କରିଥିଲେ। ମନ୍ଦିର କମିଟି ଓ ଗ୍ରାମବାସୀ ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ୪ ସଂକ୍ରମିତ ଚିହ୍ନଟ

ଅନୁଗୋଳ ଅଫିସ, ୧୩।୯- ଅନୁଗୋଳ ଜିଲାରୁ ସୋମବାର ୪ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ ପଜିଟିଭ୍ ସଂଖ୍ୟା ୪୪ ହଜାର ୨୨୫ରେ ପହଞ୍ଚିଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ କଣିହାଁ ବ୍ଲକରୁ ୨ ଜଣ, ତାଳଚେର ବ୍ଲକରୁ ଜଣେ ଓ ଛେଣ୍ଡିପଦା ବ୍ଲକରୁ ଜଣେ ରହିଛନ୍ତି। ସେହିପରି ଦିନକରେ ଜିଲାରୁ ୧୨ ଜଣ କରୋନାରୁ ସୁସ୍ଥ ହୋଇଛନ୍ତି। ଅନ୍ୟପକ୍ଷରେ ଜିଲାରେ କରୋନାରେ ଜଣଙ୍କର ମୃତ ହୋଇଥିବାରୁ ମୋଟ ମୃତକଙ୍କ ସଂଖ୍ୟା ୩୮୫ରେ ପହଞ୍ଚିଥିବା ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

### ପ୍ରକାଶ ପାଇଲା ଯୁକ୍ତ ୨ କଟ୍ ଅପ୍ ମାର୍କ

ଅନୁଗୋଳ ଅଫିସ, ୧୩।୯- ଯୁକ୍ତ ୨ ନାମଲେଖା ପାଇଁ ପ୍ରଥମ କଟ୍ ଅପ୍ ମାର୍କ ପ୍ରକାଶ ପାଇଛି। ଅନୁଗୋଳ ମହାବିଦ୍ୟାଳୟରେ ବିଜ୍ଞାନରେ କଟ୍ ଅପ୍ ମାର୍କ ୮୨.୩୩ ପ୍ରତିଶତ ଯାଇଥିବାବେଳେ କଳାରେ ୭୨.୩୩ ପ୍ରତିଶତ ଓ ବାଣିଜ୍ୟରେ ୪୭.୫୦ ପ୍ରତିଶତ ଯାଇଛି। ସେହିଭଳି ମହିଳା ମହାବିଦ୍ୟାଳୟରେ ବିଜ୍ଞାନରେ ୮୦.୦, କଳାରେ ୬୭.୩୩ ପ୍ରତିଶତ ଯାଇଛି। ତାଳଚେର ମହାବିଦ୍ୟାଳୟରେ କଳାରେ ୫୯.୩୩ ଓ ବିଜ୍ଞାନରେ ୭୩.୩୩ ପ୍ରତିଶତ ଏବଂ ବାଣିଜ୍ୟରେ ୪୩.୬୭ ପ୍ରତିଶତ ରହିଛି। ଛେଣ୍ଡିପଦାର ବାପୁଜୀ କଲେଜରେ କଳାରେ ୫୮.୮୩ ପ୍ରତିଶତ, ବିଜ୍ଞାନରେ ୬୯.୧୭ ପ୍ରତିଶତ ଓ ବାଣିଜ୍ୟରେ ୩୩ ପ୍ରତିଶତ ରହିଛି। ଆଠମଲ୍ଲିକ ମହାବିଦ୍ୟାଳୟରେ କଳାରେ ୫୭ ପ୍ରତିଶତ, ବିଜ୍ଞାନରେ ୩୩ ପ୍ରତିଶତ ରହିଛି। ବଇଣ୍ଡା ଜନତା କଲେଜରେ କଳାରେ ୩୭ ପ୍ରତିଶତ ରହିଥିବାବେଳେ ବିଜ୍ଞାନରେ ୩୩ ପ୍ରତିଶତ ରହିଛି। ମଙ୍ଗଳବାର ଠାରୁ ଆସନ୍ତା ୨୧ ତାରିଖ ପର୍ଯ୍ୟନ୍ତ ନାମ ଲେଖା ହେବ। ଏହି ନାମଲେଖା ସମୟରେ କରୋନା କଟକଣାକୁ ଗୁରୁତ୍ୱ ଦିଆଯିବା ସହ ସାମାଜିକ ଦୂରତା ଅବଲମ୍ବନ କରିବାକୁ ଅନୁଗୋଳ ସରକାରୀ ମହାବିଦ୍ୟାଳୟ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

### ହାତୀ ମୃତ୍ୟୁ ଘଟଣାରେ ୨ ଗିରଫ

ଖମାର,୧୩।୯(ଡି.ଏନ.ଏ.)- ଅନୁଗୋଳ ଜିଲା ପାଲଲହଡ଼ା ବ୍ଲକ ଖମାର ରେଞ୍ଜ ବଡ଼ମୁଣ୍ଡା ଖସଡ଼ା ଜଙ୍ଗଲରେ ଗତ ୧୧ ତାରିଖରେ ଏକ ଦନ୍ତା ହାତୀର ଜୀବନ ବିଦ୍ୟୁତ୍ ଫାଶରେ ଯାଇଥିଲା। ଏହି ଘଟଣାର ତଦନ୍ତ କରି ବନ ବିଭାଗ ଦୁଇ ଅଭିଯୁକ୍ତ ସ୍ଥାନୀୟ ଅଞ୍ଚଳର ସଞ୍ଜୀବ ନାଏକ ଓ ମନ୍ମଥ ଦେହୁରୀଙ୍କୁ ଗିରଫ କରିବା ସହ କୋର୍ଟଚାଲାଣ କରିଥିବା ଖମାର ରେଞ୍ଜର ଚନ୍ଦ୍ର ଶେଖର ଗଡ଼ନାୟକ ସୂଚନା ଦେଇଛନ୍ତି। ରେଞ୍ଜର କହିଛନ୍ତି, ଦୁଇ ଅଭିଯୁକ୍ତ ଜଙ୍ଗଲରେ ବିଦ୍ୟୁତ୍ ତାର ବିଛାଇଥିବା ସ୍ୱୀକାର କରିଛନ୍ତି। ଏପରି କି ଘଟଣାସ୍ଥଳରୁ ଜବତ ହୋଇଥିବା ବୋତଲ ଏବଂ ତାର ସେମାନଙ୍କ ବୋଲି ମାନିଛନ୍ତି। ତେଣୁ ଉଭୟଙ୍କୁ ଗିରଫ କରାଯାଇଛି। ଅପରପକ୍ଷରେ ଦୁଇ ଅଭିଯୁକ୍ତ ସଞ୍ଜୀବ ଓ ମନ୍ମଥ ନିର୍ଦ୍ଦୋଷ ବୋଲି ଦାବି କରି ଉଭୟଙ୍କ ପରିବାର ଲୋକଙ୍କ ସମେତ ଗ୍ରାମର ୨୦ ରୁ ଅଧିକ ମହିଳା ପୁରୁଷ ରେଞ୍ଜ ଅଫିସ ସମ୍ମୁଖରେ ହୋହାଲ୍ଲା କରିଥିଲେ। ଏହି ଘଟଣାରେ ଗ୍ରାମର କେତେଜଣ ଲୋକଙ୍କ ସମ୍ପୃକ୍ତି ଥିବା ସେମାନେ ଅଭିଯୋଗ କରିଥିଲେ। ତେଣୁ ଦୁଇ ଅଭିଯୁକ୍ତଙ୍କୁ ତୁରନ୍ତ ଛାଡ଼ିଦେବାକୁ ସେମାନେ ଦାବି କରିଥିଲେ। ଏ ନେଇ ବନ ବିଭାଗ ପକ୍ଷରୁ ପୋଲିସକୁ ଖବର ଦିଆଯାଇଥିଲା। ଖମାର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁଇ ଅଭିଯୁକ୍ତଙ୍କ ପରିବାର ଲୋକଙ୍କୁ ବୁଝାଶୁଝା କରିଥିଲା।

### ଦୁର୍ଘଟଣାଗ୍ରସ୍ତ ଯୁବକଙ୍କ ମୃତ୍ୟୁ

ଛେଣ୍ଡିପଦା,୧୩।୯(ସ୍ୱ.ପ୍ର.)- ଅନୁଗୋଳ ଜିଲା ଜରପଡା ଥାନା କତଡାସ୍ଥିତ ଏକ ଢାବା ନିକଟରେ ଦୁର୍ଘଟଣାରେ ଗୁରୁତର ହୋଇଥିବା ହଣ୍ଡପା ଥାନା ଧୁଣ୍ଡି ଗ୍ରାମର ସୁଶୀଲ ସାହୁ(୨୩)ଙ୍କ ସୋମବାର ମୃତ୍ୟୁ ଘଟିଛି। ପୋଲିସ କହିଛି, ଗତ ରବିବାର ସୁଶୀଲ ବାଇକ ଯୋଗେ ଏକ କମ୍ପାନୀକୁ ଆସୁଥିଲେ। ହଠାତ୍ ୫୫ ନଂ. ଜାତୀୟ ରାଜପଥର କତଡା ଗ୍ରାମ ନିକଟରେ ତାଙ୍କୁ ବାତ ମାରିବାରୁ ସେ ବାଇକରୁ ଖସିପଡ଼ି ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ସେଠାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଉଥିବାବେଳେ ବାଟରେ ମୃତ୍ୟୁ ଘଟିଥିଲା। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

### ଚୋରଙ୍କୁ ପୋଲିସ ଜିମା

ଛେଣ୍ଡିପଦା,୧୩।୯(ସ୍ୱ.ପ୍ର.)- ଛେଣ୍ଡିପଦା ବ୍ଲକ ଜରପଡା ଥାନା କୋରଡା ଗ୍ରାମ ଆମ୍ବୁରୀସାହିର ଚକ୍ରଧର ସାହୁଙ୍କ ଘରୁ ରବିବାର ରାତିରେ ଚୋରି ବେଳେ ଗ୍ରାମବାସୀ ଜଣେ ଯୁବକଙ୍କୁ ଧରି ପୋଲିସ ଜିମା ଦେଇଛନ୍ତି। ପୋଲିସ କହିଛି, ପୁଟଗାଡିଆ ଗ୍ରାମର ସାଗର ସିଂହ (୨୫) ଚକ୍ରଧରଙ୍କ ଘରେ ପଶି ଚୋରି କରିଥିଲେ। ଚକ୍ରଧରଙ୍କ ପୁଅ ଦୀପେନ ସାଗରଙ୍କୁ କାବୁ କରିଥିଲେ। ଜରପଡା ପୋଲିସ ପହଞ୍ଚି ସାଗରଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

# ବର୍ଷା ବଢ଼ାଇଲା ଆଶା

**ଅନୁଗୋଳ ଅଫିସ, ୧୩।୯**

ସ୍ୱଳ୍ପ ବୃଷ୍ଟି କାରଣରୁ ଅନୁଗୋଳ ଜିଲାରେ ଚାଷ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା। ବୁଣା ଯାଇଥିବା ଧାନ ଜମି ଶୁଖି ଫାଟି ଯାଇଥିଲା। ତଳି ହଳଦିଆ ମାରିଯାଇଥିଲେ ମଧ୍ୟ ବହୁ ଜମିରେ ପାଣି ନ ଥିବାରୁ ରୁଆ କାର୍ଯ୍ୟ ହୋଇପାରୁ ନ ଥିଲା। ଏପରି ସ୍ଥିତି ଦେଖି ଜିଲାକୁ ମରୁଡ଼ି ଘୋଷଣା କରିବାକୁ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ଦାବି କରାଯାଉଥିଲା। ହେଲେ ଲଘୁଚାପଜନିତ ବର୍ଷା ଜାରି ରହିଥିବାରୁ ମରୁଡ଼ି ସ୍ଥିତିରେ ସୁଧାର ଆସିପାରେ ବୋଲି ଜିଲା କୃଷି ବିଭାଗ ପକ୍ଷରୁ ଆକଳନ କରାଯାଇଛି। କିନ୍ତୁ ଯେଉଁ ଜମିରେ ରୁଆ କାର୍ଯ୍ୟ ହୋଇପାରି ନ ଥିଲା, ସେଥିରେ ଆଉ ତଳି ରୁଆଯିବା ସମ୍ଭାବନା କମ୍ ରହିଛି। କାରଣ ତଳି ବୁଢ଼ା ହୋଇଯାଇଥିଲେ ରୁଆ ହୋଇପାରିବ ନାହିଁ। ଯଦି ୪୦ ଦିନ ମଧ୍ୟରେ ତଳି ହୋଇଥିବ ତା'ହେଲେ ସେଥିରେ ଚାଷ କାର୍ଯ୍ୟ କରାଯାଇପାରିବ ବୋଲି ଜିଲା କୃଷି ଅଧିକାରୀ ଦେବରାଜ ମହାନ୍ତି କହିଛନ୍ତି।

କୃଷି ଅଧିକାରୀଙ୍କ କହିବା ଅନୁଯାୟୀ, ଜିଲାକୁ ମରୁଡ଼ି ଘୋଷଣା ନେଇ ଦାବି ଉଠିବା ପରେ ସରକାରଙ୍କ ପକ୍ଷରୁ ୮ଟି ବ୍ଲକରେ ଚାଷ ଜମି ସର୍ଭେ କରାଯାଇଥିଲା। ପ୍ରାଥମିକ ପର୍ଯ୍ୟାୟରେ ଅନୁଗୋଳ ଓ ବଣ୍ଟରପାଳ ବ୍ଲକର ଚାଷ ଜମି ଅନୁଧ୍ୟାନ କରାଯାଇ କ୍ଷତିଗ୍ରସ୍ତଙ୍କ ତାଲିକା ସରକାରଙ୍କ ନିକଟକୁ ପଠାଯାଇଥିଲା। ଆଠମଲ୍ଲିକ, କିଶୋରନଗର ଓ ଛେଣ୍ଡିପଦାରେ ସ୍ଥିତି ଆକଳନ ଚାଲିଥିବା ବେଳେ ଲଘୁଚାପ ଜନିତ ବର୍ଷା ହୋଇଛି। ପାଲଲହଡ଼ା ବ୍ଲକରେ ଚାଷ କାର୍ଯ୍ୟ ପୂର୍ବରୁ ହୋଇଥିବାରୁ ସେଠାରେ ଫସଲ କେତେକାଂଶରେ ଉଧେଇ ଯାଇଛି। ଛେଣ୍ଡିପଦା ବ୍ଲକରେ ବିଳମ୍ବରେ ଚାଷ କାର୍ଯ୍ୟ ସାଙ୍ଗକୁ ପର୍ଯ୍ୟାପ୍ତ ପରିମାଣରେ ବର୍ଷା ନ ହେବା ଚାଷୀକୁଳକୁ ଅକଳରେ ପକାଇଛି। ବିଲରେ ତଳି ପାଚି ହଳଦିଆ ପଡ଼ିବା ବେଳକୁ ଲଘୁଚାପ ଜନିତ ବର୍ଷା ହେଉଛି। ଏହା ଆଉ ଚାଷ କାର୍ଯ୍ୟରେ ଲାଗିପାରିବ ନାହିଁ। ତେବେ ଯେଉଁ ଅଞ୍ଚଳରେ ରୁଆ କାର୍ଯ୍ୟ ଆଗେଇ ଯାଇଥିଲା, ସେଠାରେ ଧାନ ଗଛ ଆଉ ମରିବାର ସମ୍ଭାବନା ନାହିଁ। ପାଲଲହଡ଼ା, ତାଳଚେର ଓ କଣିହାଁରେ ମରୁଡ଼ି ପରିସ୍ଥିତି ଉପୁଜିବ ନାହିଁ ବୋଲି କୃଷି ଅଧିକାରୀ ମହାନ୍ତି ପ୍ରକାଶ କରିଛନ୍ତି।


ଅନୁଗୋଳରେ ଲଘୁଚାପ ଜନିତ ବର୍ଷା ଜାରି ରହିଛି।

### ଜିଲାରେ ମରୁଡ଼ି ପରିସ୍ଥିତିରେ ଆସିପାରେ ସୁଧାର

### ବିଡିଓ, ତହସିଲଦାର ରଖିବେ ନଜର

ଅନୁଗୋଳ ଅଫିସ, ୧୩।୯- ଲଘୁଚାପ ଜନିତ ବର୍ଷା ପାଇଁ ଅନୁଗୋଳ ଜିଲାକୁ ରେଡ୍‌ୱାର୍ନିଂ ଦିଆଯାଇଛି। ସମସ୍ତ ସ୍କୁଲକୁ ଛୁଟି ଘୋଷଣା କରାଯାଇଛି। ତେବେ ପୂର୍ବରୁ ଜିଲାର ନଦୀ, ନାଳ ସହ ସମସ୍ତ ଜଳାଶୟ ଶୁଖିଲା ଅବସ୍ଥାରେ ଥିବାରୁ ଏହି ଲଗାଣ ବର୍ଷା ସେପରି କିଛି କ୍ଷୟକ୍ଷତି ଘଟାଇ ନ ଥିବା କୁହାଯାଇଛି। ଏଯାଏ ଜିଲା ପ୍ରଶାସନ ନିକଟକୁ ମଧ କ୍ଷୟକ୍ଷତି ନେଇ ସୂଚନା ଆସିନାହିଁ। ଜିଲାର ଦୁଇ ପାର୍ଶ୍ୱରେ ଥିବା ମହାନଦୀ ଓ ବ୍ରାହ୍ମଣୀରେ ବନ୍ୟା ପରିସ୍ଥିତି ଦେଖାଦେଇ ନାହିଁ। ତେବେ ପରିସ୍ଥିତି ଉପରେ ନଜର ରଖିବାକୁ ପ୍ରତି ବ୍ଲକର ବ୍ଲକ ଉନ୍ନୟନ ଅଧିକାରୀ ଓ ତହସିଲଦାରଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି। ସେହିପରି ଚାଷ କାର୍ଯ୍ୟରେ କ୍ଷୟକ୍ଷତି କି ବାଧା ପହଞ୍ଚି ନ ଥିବା ଜିଲା ମୁଖ୍ୟ କୃଷି ଅଧିକାରୀ ଦେବରାଜ ମହାନ୍ତି ପ୍ରକାଶ କରିଛନ୍ତି। ତଥାପି ଯଦି ଅଭିଯୋଗ ଆସେ, ତା'ହେଲେ ଅନୁଧ୍ୟାନ କରାଯିବ ବୋଲି ସେ କହିଛନ୍ତି।

# ସରକାରୀ କ୍ୱାର୍ଟର୍ସ ଉପରେ ପଡ଼ିଲା ଗଛ


ପ୍ରବଳ ବର୍ଷା ଯୋଗୁ ଗଛ ଉପୁଡ଼ି କ୍ୱାର୍ଟର୍ସ ଉପରେ ପଡ଼ିଛି।

**ଢେଙ୍କାନାଳ ଅଫିସ, ୧୩।୯**

ଢେଙ୍କାନାଳ ଜିଲାରେ ଲଘୁଚାପ ଜନିତ ଲଗାଣ ବର୍ଷା ଜାରି ରହିଥିବାବେଳେ ସଦର ବ୍ଲକ ଦୁର୍ଗାପ୍ରସାଦ ଗ୍ରାମ କନ୍ଧ ସାହିରେ ଟିମନ ଦେହୁରୀଙ୍କ ମାଟିକାନ୍ଥ ଭୁଶୁଡ଼ି ୧୧ଟି ଛେଳି ମେଣ୍ଢାଙ୍କ ମୃତ୍ୟୁ ହୋଇଛି। ସେହିପରି ଗୋବିନ୍ଦପୁର ଗ୍ରାମରେ ଦାମୋଦର ରାଉତଙ୍କ ୨ ବଖରା ଭାଙ୍ଗିଯାଇଛି। ବାଜିଚୌକସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ପୁରୁଣା କାର୍ଯ୍ୟାଳୟର ଏକ ପାଚେରି ଭାଙ୍ଗି ପଡିଥିବା ଜଣାପଡିଛି। ଜିଲା ରିଜର୍ଭ ପୋଲିସ ଲାଇନଠାରେ ଏକ ବିରାଟ ଗଛ ଉପୁଡ଼ି ପଡ଼ିବାରୁ ଦୁଇଟି ସରକାରୀ ବାସଭବନ ଭାଙ୍ଗିରୁଜି ଯାଇଛି। ଜିଲା ପ୍ରଶାସନ ପକ୍ଷରୁ ଲଘୁଚାପ ଜନିତ ବର୍ଷା କ୍ଷୟକ୍ଷତି ସମ୍ପର୍କରେ ସୂଚନା ଦେବା ପାଇଁ ଆପାତକାଳୀନ ବିଭାଗରେ କଣ୍ଟ୍ରୋଲ ରୁମ୍ ଟେଲିଫୋନ ନଂ. ୦୬୭୬୨-୨୨୧୩୭୬ ଓ ଟୋଲ ଫ୍ରି ନଂ. ୧୦୭୭ ଜାରି କରାଯାଇଛି ବୋଲି ସୂଚନା ମିଳିଛି।

# ନୂତନ ଶ୍ରେଣୀ ଗୃହ ନିର୍ମାଣ ଯାଞ୍ଚ

**ବଇଣ୍ଡା,୧୩।୯(ଡି.ଏନ.ଏ.)**

କିଶୋରନଗର ବ୍ଲକର ନାକିଚି, ଫୁଲାମ୍ବା ହାଇସ୍କୁଲକୁ ସୋମବାର ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ ପରିଦର୍ଶନ କରିବା ସହ ନୂତନ ଶ୍ରେଣୀଗୃହ ନିର୍ମାଣର ଯାଞ୍ଚ କରିଥିଲେ। ବିଧାୟକ ପ୍ରଥମେ ଫୁଲାମ୍ବା ହାଇସ୍କୁଲରେ ପହଞ୍ଚି ଛାତ୍ରୀଛାତ୍ରଙ୍କୁ ପାଠପଢ଼ା ସମ୍ପର୍କରେ ପଚାରି ବୁଝିଥିଲେ। ସମସ୍ତ ଛାତ୍ରୀଛାତ୍ର ମାସ୍କ ବ୍ୟବହାର କରିବା, ସାମାଜିକ ଦୂରତ୍ୱ ରକ୍ଷା କରି ପାଠପଢିବା ପାଇଁ ପରାମର୍ଶ ଦେଇଥିଲେ। ଏଥିସହ ନିର୍ମାଣ ହେଉଥିବା ନୂତନ ଶ୍ରେଣୀଗୃହ କାର୍ଯ୍ୟର ତଦାରଖ କରିଥିଲେ। ପରେ ନାକିଚି ହାଇସ୍କୁଲକୁ ଯାଇ ସେଠାରେ ଶ୍ରେଣୀ ଗୃହ କାର୍ଯ୍ୟ ବୁଲି ଦେଖିଥିଲେ। ଠିକ୍ ଭାବେ ନିର୍ମାଣ ସହ ଶୀଘ୍ର କାମ ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବିଧାୟକଙ୍କ ଏହି ପରିଦର୍ଶନ ବେଳେ ସରୋଜ କୁମାର ରାଉଳ, ଜେନାମଣି ପ୍ରଧାନ, ନାକିଚି ହାଇସ୍କୁଲ ଶିକ୍ଷକ ଅମରେଶ ପ୍ରଧାନ, ଫୁଲାମ୍ବା ହାଇସ୍କୁଲ ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।


ଫୁଲାମ୍ବା ହାଇସ୍କୁଲ ଛାତ୍ରୀଛାତ୍ରଙ୍କୁ ପାଠପଢ଼ା ସମ୍ପର୍କରେ ବିଧାୟକ ପଚାରି ବୁଝୁଛନ୍ତି।

# ଜଳ ନିଷ୍କାସନ ହୋଇପାରୁନି, ରାଜପଥ ଅବରୋଧ


ଭାଲୁମୁଣ୍ଡା ବାରଘରିଆସ୍ଥିତ ଏକ ଢାବା ନିକଟ ପୋଲ ଉପରେ ପାଣି ପ୍ରବାହିତ ହେଉଛି।


ନିତ୍ୟାନନ୍ଦପୁର ନିକଟରେ ଥିବା ପୋଲର ଆପ୍ରୋଚ ରୋଡ୍ ଧୋଇଯାଇଛି।

**ପରଜଙ୍ଗ/ ଗଁଦିଆ,୧୩।୯**

ଢେଙ୍କାନାଳ ଜିଲା ପରଜଙ୍ଗ ଦେଇ ଯାଇଥିବା ତାଳଚେର-ଦୁବୁରୀ ୫୩ ନଂ ରାଜପଥ ସମ୍ପ୍ରସାରଣ କାର୍ଯ୍ୟରେ ଅବହେଳା ଯୋଗୁ ବର୍ଷା ଜଳ ନିଷ୍କାସନ ହୋଇପାରୁ ନାହିଁ। ଏଥିଯୋଗୁ ପରଜଙ୍ଗ ବ୍ଲକର ମୁଣ୍ଡେଇଲ ଗ୍ରାମ ସମ୍ପୂର୍ଣ୍ଣ ଜଳମଗ୍ନ ହୋଇପଡିଛି। ଏହାର ପ୍ରତିବାଦରେ ସୋମବାର ଗ୍ରାମବାସୀ ଜାତୀୟ ରାଜପଥ ଅବରୋଧ କରିଥିଲେ। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଶତାଧିକ ଗାଡି ଅଟକି ରହିଥିଲା। ଖବରପାଇ ପୋଲିସ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାଶୁଝା କରିବା ପରେ ରାସ୍ତାରୋକୋ ହଟିଥିଲା। ସେହିପରି ଭାଲୁମୁଣ୍ଡା-ଆଲୁଅଝରଣ ରାସ୍ତାର ଭାଲୁମୁଣ୍ଡା ବାରଘରିଆସ୍ଥିତ ଏକ ଢାବା ନିକଟ ପୋଲ ଉପରେ ୫ ଫୁଟର ପାଣି ପ୍ରବାହିତ ହେଉଛି। ଫଳରେ ପରଜଙ୍ଗରୁ ଭାଲୁମୁଣ୍ଡା ଦେଇ ଢେଙ୍କାନାଳ, ପାଣ୍ଡୁଆ, ଅଁଳାପଟା, କୁମୁଶି, ସାଆନ୍ଦା ଆଦି ସ୍ଥାନକୁ ଯାତାୟାତ ଠପ୍ ହୋଇଯାଇଛି। ସେହିପରି ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ନିହଲପ୍ରସାଦ ପଞ୍ଚାୟତ ନିତ୍ୟାନନ୍ଦପୁର ନିକଟରେ ଥିବା ପୋଲର ଆପ୍ରୋଚ ରୋଡ୍ ସୋମବାର ଧୋଇଯାଇଛି। ଉପର ମୁଣ୍ଡରେ ପ୍ରବଳ ବର୍ଷା ଯୋଗୁ ପୋଲର ପୂର୍ବ ପାର୍ଶ୍ୱ ଆପ୍ରୋଚ ରୋଡ୍ ନଷ୍ଟ ହୋଇଯାଇଛି। ତୁରନ୍ତ ପ୍ରଶାସନ ପକ୍ଷରୁ ଏହାକୁ ମରାମତି କରିବା ପାଇଁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି। ସୂଚନାଯୋଗ୍ୟ, ଢେଙ୍କାନାଳ ଜିଲାରୁ ଯାଜପୁର ଜିଲାକୁ ଗଁଦିଆ ଷଡ଼ଙ୍ଗୀ, ଟୋଲରପଶି ଓ ନିହଲପ୍ରସାଦ ମଧ୍ୟ ଦେଇ ଏହି ରାସ୍ତା ଯାଇଛି। ଲଗାଣ ବର୍ଷା ଯୋଗୁ ନିତ୍ୟାନନ୍ଦପୁର ନିକଟରେ ଥିବା ରାସ୍ତା ଭାଙ୍ଗି ନଷ୍ଟ ହୋଇଛି।

# କିଷାନ ରଥ ଶୁଭାରମ୍ଭ

**ହିନ୍ଦୋଳ,୧୩।୯(ଡି.ଏନ.ଏ.)**

ଭାରତ ସରକାରଙ୍କ କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟ ଦ୍ୱାରା ବିକଶିତ କରାଯାଇଥିବା 'କିଷାନ ରଥ ମୋବାଇଲ ଆପ୍ ସେବା' ସୋମବାର ହିନ୍ଦୋଳନ ଉପଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଶୁଭାରମ୍ଭ ହୋଇଛି। ନିୟନ୍ତ୍ରିତ ବଜାର କମିଟି ଅଧ୍ୟକ୍ଷ ତଥା ଉପଜିଲାପାଳ ଉଦୟ କୁମାର ମହାପାତ୍ର ଏହାକୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଉକ୍ତ ଆପ୍ ମାଧ୍ୟମରେ କୃଷକ, କୃଷି ଉତ୍ପାଦନକାରୀ ସଙ୍ଗଠନ ଓ ବ୍ୟବସାୟୀମାନେ ପ୍ରତ୍ୟକ୍ଷ ଭାବେ ପରିବହନ ସେବା ଯୋଗାଉଥିବା ବ୍ୟକ୍ତି ଏବଂ ସଙ୍ଗଠନମାନଙ୍କ ସହିତ ଯୋଗାଯୋଗ କରି ବିଭିନ୍ନ ପ୍ରକାର ଯାନ ଅନୁସନ୍ଧାନ, ଚିହ୍ନଟ କରି ସେମାନଙ୍କ କୃଷିଜାତ ଦ୍ରବ୍ୟକୁ ଉତ୍ପାଦ ସ୍ଥଳରୁ ମଣ୍ଡି ପର୍ଯ୍ୟନ୍ତ ଓ ଗୋଟିଏ ମଣ୍ଡିରୁ ଅନ୍ୟ ମଣ୍ଡିକୁ ପରିବହନ କରିବାର ସୁବିଧା ପାଇପାରିବେ ବୋଲି ଉପଜିଲାପାଳ କହିଥିଲେ। କାର୍ଯ୍ୟକ୍ରମରେ ତହସିଲଦାର ସୁଶାନ୍ତ କୁମାର ମିଶ୍ର, ବଜାର କମିଟି ସମ୍ପାଦକ ସନ୍ତୋଷ କୁମାର ପ୍ରଧାନଙ୍କ ସମେତ ଅନ୍ୟ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।


କିଷାନ ରଥକୁ ଉପଜିଲାପାଳ ସବୁଜ ପତାକା ଦେଖାଉଛନ୍ତି।

# ଯୁବକଙ୍କ ମୃତଦେହ ଜବତ

**ଛେଣ୍ଡିପଦା,୧୩।୯(ସ୍ୱ.ପ୍ର.)**

ଅନୁଗୋଳ ଜିଲା ଜରପଡା ଥାନା ଅମାନ୍ତପୁର ଗ୍ରାମରେ ଥିବା ଏକ କୂଅରୁ ସୋମବାର ଜଣେ ଅଜଣା ଯୁବକଙ୍କ ମୃତଦେହ ପୋଲିସ ଜବତ କରିଛି। ପୋଲିସ କହିଛି, ସକାଳେ ଜଣେ ଯୁବକଙ୍କ ମୃତଦେହ ଭାସୁଥିବା ଗ୍ରାମବାସୀ ଦେଖିଥିଲେ। ଏ ନେଇ ଅଗ୍ନିଶମ ବିଭାଗ ଏବଂ ଜରପଡା ପୋଲିସକୁ ସୂଚନା ଦେଇଥିଲେ। ପୋଲିସ ଓ ଅଗ୍ନିଶମ କର୍ମଚାରୀମାନେ ପହଞ୍ଚି କୂଅ ଭିତରୁ ମୃତଦେହ ଉଦ୍ଧାର କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ଜରପଡା ପୋଲିସ ନଂ. ୧୭/୨୧ରେ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଚଳାଇଛି। ମୃତକଙ୍କ ବୟସ ଆନୁମାନିକ ୩୫ ବର୍ଷ ହେବ ବୋଲି ଏଏସଆଇ ବୁଦ୍ଧିମାନ ସେଠୀ କହିଛନ୍ତି।

# କପିଳାସ ପୀଠରେ ସଫେଇ

### ଗୋବିନ୍ଦ ସେବା ଦଳର ଅଭିନବ ପ୍ରୟାସ

**ଗଁଦିଆ, ୧୩।୯:** ପ୍ରସିଦ୍ଧ ଶୈବକ୍ଷେତ୍ର ଶ୍ରୀଚନ୍ଦ୍ରଶେଖର ଜୀଉଙ୍କ ବିଜେସ୍ଥଳ କପିଳାସ ପୀଠରେ ରବିବାର ଯାଜପୁର ଜିଲା କାଳିଆପାଣି ଅଞ୍ଚଳର ଗୋବିନ୍ଦ ସେବାଦଳ ପକ୍ଷରୁ ସଫେଇ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ରାଜକିଶୋର ପାତ୍ର, ଗୋବିନ୍ଦ ଚନ୍ଦ୍ର ଦାସ, ଗୋବିନ୍ଦ ଚନ୍ଦ୍ର ମହାନ୍ତଙ୍କ ଦ୍ୱାରା ପ୍ରତିଷ୍ଠିତ 'ଗୋବିନ୍ଦ ସେବା ଦଳ'ର ୩୫୦ରୁ ଊର୍ଦ୍ଧ୍ୱ ସ୍ୱେଚ୍ଛାସେବୀ ଏଥିରେ ଅଂଶଗ୍ରହଣ କରିଥିଲେ।

ମହାପ୍ରଭୁ ଶ୍ରୀ ଚନ୍ଦ୍ରଶେଖର ମନ୍ଦିରର ଗର୍ଭ ଗୃହ, ମନ୍ଦିର ବେଢ଼ା, ରାମମନ୍ଦିର, ସୀତା ମନ୍ଦିର ରାସ୍ତା, ତେରଶହ ବାଉନ ପାହାଚ ରାସ୍ତା, ବାରବାଙ୍କ ରାସ୍ତା, ବାରବାଙ୍କରୁ ବାସୁଆ ବଳଦ ନିକଟକୁ ଯାଇଥିବା ରାସ୍ତା ପାର୍ଶ୍ୱ, ଡିଅର ପାର୍କ ରାସ୍ତାର ଉଭୟ ପାର୍ଶ୍ୱରେ ସଫେଇ ହୋଇଥିଲା। ଗଁଦିଆ ଥିଙ୍କର୍ସ ଫୋରମ୍ ସଭାପତି ସୁବ୍ରତ ସାହୁ, ସମ୍ପାଦକ ରାଘବ ଚନ୍ଦ୍ର ମହାରଣା, ସାମାଜିକ କର୍ମୀ ସୁଶାନ୍ତ ସାହୁ, ଆଶୋକ ପତି, ସୁବାସ ଚନ୍ଦ୍ର ସାମଲ, ଅକ୍ଷୟ ଦାସ, ଆନନ୍ଦ ଚନ୍ଦ୍ର ମହାନ୍ତି, ସ୍ୱେଚ୍ଛାସେବୀ ନିରଞ୍ଜନ ଧୀର, ଅରୁଣ ସିଂ, ସନ୍ତୋଷ ମହାପାତ୍ର, ପ୍ରାଣବନ୍ଧୁ ମହାନ୍ତ, ଟିକନ ବାରିକଙ୍କ ସମେତ ଟୋଲରପଶି ଦିଲ୍‌ରାଜ କ୍ଲବର ସଭ୍ୟମାନେ ଏଥିରେ ସହଯୋଗ କରିଥିଲେ। 'ଗୋବିନ୍ଦ ସେବା ଦଳ' ପକ୍ଷରୁ ଦୀର୍ଘ ୧୨ ବର୍ଷ ହେଲା ମନ୍ଦିର ପରିସରରେ ଏଭଳି ସଫେଇ କାର୍ଯ୍ୟକ୍ରମ କରାଯାଉଛି। ଏହା ଆଗକୁ ମଧ୍ୟ ଜାରି ରହିବ ବୋଲି ଅନୁଷ୍ଠାନର ପ୍ରତିଷ୍ଠାତା ସଦସ୍ୟ ରାଜକିଶୋର କହିଛନ୍ତି।



# ବିବାଦ ତୁଟାଇଲା ପ୍ରାଧିକରଣ

**ଢେଙ୍କାନାଳ ଅଫିସ,୧୩।୯**

ଢେଙ୍କାନାଳ ଜିଲା ଆଇନସେବା ପ୍ରାଧିକରଣର ହସ୍ତକ୍ଷେପ ପରେ ଏକ ଦମ୍ପତି ପୁନର୍ବାର ଏକାଠି ହୋଇଛନ୍ତି। ପ୍ରାୟ ୧ବର୍ଷ ତଳେ ତୁମୁସିଙ୍ଗା ଥାନା ଅଁଳାବେରେଣୀ ଗ୍ରାମର ବାପି ନାୟକ ସଦର ଥାନା କାଉଁରିଆପାଳ ଗ୍ରାମର ସୁନିତା ପଧାନଙ୍କୁ ବିବାହ କରିଥିଲେ। ହେଲେ କଳହ ଯୋଗୁ ଉଭୟେ ଅଲଗା ରହୁଥିଲେ। ଏହି ବିବାଦର ସମାଧାନ ପାଇଁ ଜିଲା ଆଇନସେବା ପ୍ରାଧିକରଣ ନିକଟରେ ଦରଖାସ୍ତ କରାଯାଇଥିଲା। ଉଭୟଙ୍କ ମଧ୍ୟରେ ଆପୋସ ଆଲୋଚନା କରି ବିବାଦର ସମାଧାନ ନିମନ୍ତେ ପ୍ରାଧିକରଣ ପକ୍ଷରୁ ସମ୍ମୁଖ କାର୍ଯ୍ୟାଳୟର ରିଟେନର ରଞ୍ଜନ କୁମାର ମିଶ୍ରଙ୍କୁ ନିୟୋଜିତ କରାଯାଇଥିଲା। ସୋମବାର ପତ୍ନୀପତି ସେମାନଙ୍କ ମଧ୍ୟରେ ଥିବା ମନୋମାଳିନ୍ୟକୁ ଭୁଲି ଏକାଠି ହୋଇଛନ୍ତି। ପ୍ରାଧିକରଣ ସଚିବ ସୁକାନ୍ତ କିଶୋର ଜେନାଙ୍କ ଉପସ୍ଥିତିରେ ପାରିବାରିକ ବିବାଦର ଅନ୍ତ ଘଟିଛି।



ବିବାଦ ତୁଟାଇବା ସହ ଦମ୍ପତିଙ୍କୁ ଏକାଠି କରାଯାଇଛି।

# ଟାଟାଷ୍ଟିଲ ବିଏସ୍ଏଲ୍‌କୁ ବିଶ୍ୱ ସଷ୍ଟେନ୍‌ବିଲିଟି ପୁରସ୍କାର

**ଢେଙ୍କାନାଳ ଅଫିସ,୧୩।୯**

ଢେଙ୍କାନାଳ ଜିଲା ନରେନ୍ଦ୍ରପୁରଠାରେ ପ୍ରତିଷ୍ଠିତ ଟାଟାଷ୍ଟିଲ ବିଏସ୍ଏଲକୁ ସମ୍ମାନଜନକ ଶକ୍ତି ଓ ପରିବେଶ ଫାଉଣ୍ଡେଶନ ବିଶ୍ୱ ସଷ୍ଟେନ୍‌ବିଲିଟି ପୁରସ୍କାର ୨୦୨୧ରେ ସମ୍ମାନିତ କରାଯାଇଛି। ପରିବେଶକୁ ସୁହାଇଲା ଭଳି କମ୍ପାନୀର ସପ୍ଲାଇ ଚେନ୍ ଓ ଲଜିଷ୍ଟିକ୍ ବିଭାଗର ଉଲ୍ଲେଖନୀୟ ଅବଦାନ ପାଇଁ ଗୋଲ୍ଡ କାଟେଗୋରୀରେ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଶକ୍ତି ଓ ପରିବେଶ ଫାଉଣ୍ଡେଶନ ଅଧ୍ୟକ୍ଷ ଅନିଲ ରଜଦାନ ଏବଂ ସିଇଓ ଡ. ଅନିଲ ଗର୍ଗ ଭର୍ଚୁଆଲ ଫୋରମରେ ପୁରସ୍କାର ପ୍ରଦାନ କରିଥିଲେ। ଟାଟାଷ୍ଟିଲ ବିଏସ୍ଏଲ୍ ପକ୍ଷରୁ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସୁବୋଧ ପାଣ୍ଡେ, ପରିବେଶ ବିଭାଗ ମୁଖ୍ୟ ଶରତ କୁମାର ବାନାର୍ଜୀ, ମୁଖ୍ୟ ଲଜିଷ୍ଟିକ ଅଫିସର ସୁବ୍ରତ ବସକ୍ ଏହି ପୁରସ୍କାର ଗ୍ରହଣ କରିଥିଲେ। ଭାରତର ଇସ୍ପାତ ଶିଳ୍ପରେ ପ୍ରଥମଥର ପାଇଁ ଇସ୍ପାତ ପରିବହନ ନିମନ୍ତେ ଇଲେକ୍ଟ୍ରିକ୍ ଟ୍ରକ୍ ବ୍ୟବହାର, ରେଳବାଇ ଓଭରହେଡ ବିଦ୍ୟୁତୀକରଣ, ସୁପରିଚାଳିତ ଗ୍ରାହକ ଅଭିଯୋଗ, ସମୟ ହ୍ରାସ, ଫ୍ଲାଏ ଆଶ୍ ଓ ସିଧାସଳଖ ହ୍ରାସ ହୋଇଥିବା ଆଇରନ, ଉତ୍ପାଦ ଗୁଡିକ ରେଳଦ୍ୱାରା ପରିବହନ ଭଳି ଟାଟା ବିଏସ୍ଏଲର ଲଜିଷ୍ଟିକ୍ ଓ ସପ୍ଲାଇ ଚେନ୍ ବିଭାଗର ପରିବେଶ ଉପଯୋଗୀ ପଦକ୍ଷେପ କମ୍ପାନୀକୁ ପ୍ରଶଂସିତ କରିଛି। କାର୍ଯ୍ୟ ମାଧ୍ୟମରେ ପରିବେଶ ପ୍ରତି ଉଲ୍ଲେଖନୀୟ ଅବଦାନ, ପ୍ରତିବଦ୍ଧତା ଏବଂ ପରିବେଶ ଉପରେ ସକାରାତ୍ମକ ପ୍ରଭାବ ପକାଉଥିବା କାର୍ଯ୍ୟକୁ ସ୍ୱୀକୃତି ଦେବା ପାଇଁ ନୂଆଦିଲ୍ଲୀସ୍ଥିତ ଶକ୍ତି ଓ ପରିବେଶ ଫାଉଣ୍ଡେଶନ ବିଶ୍ୱ ସଷ୍ଟେନ୍‌ବିଲିଟି ପୁରସ୍କାର ଆୟୋଜନ କରିଆସୁଛି।



ଟାଟାଷ୍ଟିଲ ବିଏସ୍ଏଲ୍‌କୁ ବିଶ୍ୱ ସଷ୍ଟେନ୍‌ବିଲିଟି ପୁରସ୍କାର ପ୍ରଦାନ କରାଯାଉଛି।

# ୫ ଆକ୍ରାନ୍ତ, ୧୯ ସୁସ୍ଥ

**ଢେଙ୍କାନାଳ ଅଫିସ,୧୩।୯**



ଢେଙ୍କାନାଳ ଜିଲାରୁ ସୋମବାର ୫ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେହିପରି ଦିନକରେ ଜିଲାରୁ ୧୯ ଜଣ କୋଭିଡ୍‌ରୁ ସୁସ୍ଥ ହୋଇଛନ୍ତି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଭୁବନରୁ ୧, ପରଜଙ୍ଗରୁ ୧, ହିନ୍ଦୋଳରୁ ୧, ଢେଙ୍କାନାଳ ପୌରାଞ୍ଚଳରୁ ୧, ସଦର ବ୍ଲକରୁ ଜଣେ ଚିହ୍ନଟ ହୋଇଛନ୍ତି। ଦିନକରେ ୮୭୯ ଜଣଙ୍କ ଟେଷ୍ଟିଂ କରାଯାଇଥିବାବେଳେ ମୋଟ୍ ଟେଷ୍ଟିଂ ସଂଖ୍ୟା ୪ ଲକ୍ଷ ୪୩ ହଜାର ୮୮୮ରେ ପହଞ୍ଚିଛି। ଜିଲାରୁ ମୋଟ୍ ଚିହ୍ନଟ ୧୯ ହଜାର ୬୯୬ ଜଣ ପଜିଟିଭ୍‌ଙ୍କ ମଧ୍ୟରୁ ଇତିମଧ୍ୟରେ ୧୯ ହଜାର ୩୪୭ ଜଣ ସୁସ୍ଥ ହୋଇସାରିଛନ୍ତି। ବର୍ତ୍ତମାନ ୧୦୭ ଜଣ ଆକ୍ରାନ୍ତ ବିଭିନ୍ନ ଡାକ୍ତରଖାନାରେ ଚିକିତ୍ସାଧୀନ ରହିଛନ୍ତି। ସେହିପରି ଜିଲାରେ କୋଭିଡ୍ ମୃତକଙ୍କ ସଂଖ୍ୟା ୨୪୨ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

## ପାଇପ୍ ଚୋରି, ୫ ଗିରଫ

**ଅନୁଗୋଳ ଅଫିସ:** ଗେଲ ଇଣ୍ଡିଆର ପାଇପ୍ ଚୋରି କରିବା ଅଭିଯୋଗରେ ଅନୁଗୋଳ ସଦର ଥାନା ପୋଲିସ ସୋମବାର ୫ ଜଣ ସୁବର୍ଣ୍ଣପୁର ଗ୍ରାମର ଅଜୟ ପରିଡା, ବିଷ୍ଣୁ ପରିଡା, ଜରାସିଂହା ଗ୍ରାମର ତୀର୍ଥ ସାହୁ, କୁମଣ୍ଡ ଗ୍ରାମର ବାପୁନ ସାହୁ ଏବଂ ନତଡା ବେଠିଆନାଳୀର ବି. ଦେହୁରଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ୨୫ କୁଇଣ୍ଟାଲ ପାଇପ ଜବତ କରାଯାଇଛି। ୫ ଅଭିଯୁକ୍ତ ପ୍ରାୟ ୧୯ ଲକ୍ଷ ଟଙ୍କାର ପାଇପ କାଟି ନେଇଥିଲେ।

## ସଂକ୍ଷେପରେ

### କବିତା ଆସର 'ଆକାଂକ୍ଷା'

ଢେଙ୍କାନାଳ ଅଫିସ, ୧୩।୯-'ଢେଙ୍କାନାଳ ମାଟି ସାହିତ୍ୟ ସଂସଦ' ପକ୍ଷରୁ କବିତା ଆସର 'ଆକାଂକ୍ଷା' ନିରଞ୍ଜନ ପତିଙ୍କ ସଭାପତିତ୍ୱରେ ଭର୍ଚୁଆଲ ମୋଡ୍‌ରେ ରବିବାର ଅନୁଷ୍ଠିତ ହୋଇଯାଇଛି। ସୁପିପା ପୋଇ ମଙ୍ଗଳ ସଙ୍ଗୀତ ଗାନ କରିଥିବାବେଳେ ମୁଖ୍ୟବକ୍ତା ଭାବେ ଡ. କୃତ୍ତିବାସ ମହାନ୍ତି ଯୋଗଦେଇ କବି ଏବଂ କାବ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ବିପିନ ବିହାରୀ ଶତପଥୀ, ସସ୍ମିତା ପଟ୍ଟନାୟକ, ତୁଷାର ମିଶ୍ର, ପ୍ରଶାନ୍ତ ସାହୁ, ସୋନମ ରାଉତ, ସୁଧାକର ନାୟକ, କାଦମ୍ବରୀ ମହାକୁଡ, ଆଦିକନ୍ଦ ବିଶ୍ୱାଳ, ଦୀନବନ୍ଧୁ ପୋଇ, ଯତୀନ୍ଦ୍ର କୁମାର ସାହୁ, ବିନୟ କୁମାର ସାମଲ, ଲୀଲାବତୀ ପରିଡ଼ା, ବୀରକିଶୋର ନାୟକ, ସସ୍ମିତା ଦାସ, ନିରଞ୍ଜନ ପତି, ରୋଜାଲିନ ଗଡନାୟକ, ପୁଷ୍ପାଞ୍ଜଳି ମିଶ୍ର, ରାହାସ କୁମାର ବେହେରା, ପ୍ରାଧାପକ ରମେଶ ଚନ୍ଦ୍ର ସାହୁ ପ୍ରମୁଖ ସ୍ୱରଚିତ କବିତା ଆବୃତ୍ତି କରିଥିଲେ। ରୋଜାଲିନ ଗଡ଼ନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଦୀନବନ୍ଧୁ ପୋଇ ଧନ୍ୟବାଦ ଅର୍ପଣ କରିଥିଲେ।

### ବାବା ପ୍ରେମାନନ୍ଦଙ୍କ ସ୍ମୃତିସଭା

ଭୁବନ, ୧୩।୯(ଡି.ଏନ୍.ଏ)-ଢେଙ୍କାନାଳ ଜିଲା ଭୁବନ ଛତାମଠରେ ଶନିବାର ବାବା ପ୍ରେମାନନ୍ଦ ଗିରିଙ୍କ ୬୨ତମ ଶ୍ରାଦ୍ଧବାର୍ଷିକୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଞ୍ଚଳର ସାଧୁସନ୍ଥ ଯୋଗଦେଇ ଭାଗବତ ଚର୍ଚ୍ଚା, ଭଜନକୀର୍ତ୍ତନ କରିଥିଲେ। ମଠ ପରିଚାଳନା କମିଟି ସଭାପତି ହରିହର ସାହୁ, ବରିଷ୍ଠ ସଭ୍ୟ ପ୍ରେମାନନ୍ଦ ଜେନା, ସଦାନନ୍ଦ ନାୟକ, ଦିଲୀପ ଦାସ, ସୁରେନ୍ଦ୍ର ପୋଥାଳ, ବାବା ଉମା ଭାରତୀ ପ୍ରମୁଖ ଉପସ୍ଥିତ ଥିଲେ। ଶ୍ରଦ୍ଧାଳୁଙ୍କ ଲାଗି ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା।

### ପରସ୍ପର ସହଯୋଗ ଲୋଡ଼ିଲେ ଡ୍ରାଇଭର

ପରଜଙ୍ଗ, ୧୩।୯(ଡି.ଏନ୍.ଏ.)-ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ପାଣି ପଞ୍ଚାୟତ ସଭାଗୃହ ପରିସରରେ ରବିବାର ପଞ୍ଚାୟତ ଡ୍ରାଇଭର ମହାସଂଘର କାର୍ଯ୍ୟକାରିଣୀ ବୈଠକ ଅଜୟ୍ କୁମାର ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଗାଡ଼ିଚାଳନା ସମୟରେ ରାସ୍ତାରେ ସମସ୍ୟା ଉପୁଜିଲେ, ଗାଡ଼ି ଖରାପ ହୋଇଗଲେ ଅନ୍ୟ ଡ୍ରାଇଭରମାନେ ପହଞ୍ଚି ସହଯୋଗର ହାତ ବଢ଼ାଇବା ଲାଗି ନିଷ୍ପତ୍ତି ହୋଇଛି। ବୈଠକରେ ପଞ୍ଚାୟତର ବହୁ ଡ୍ରାଇଭର ଯୋଗଦେଇଥିଲେ।

### ଲକ୍ଷ୍ମୀ ପୂଜା ପାଇଁ ପ୍ରସ୍ତୁତି

ବଇଣ୍ଡା, ୧୩।୯(ଡି.ଏନ.ଏ.): ଆଠମଲ୍ଲିକ ବ୍ଲକ ଠାକୁରଗଡ ଗ୍ରାମରେ ଲକ୍ଷ୍ମୀ ପୂଜା ପାଇଁ ରବିବାର ପୂଜାମଣ୍ଡପ ନିକଟରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସଞ୍ଜୟ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସନ୍ତୋଷ ସାହୁ, ଭାସ୍କରଚନ୍ଦ୍ର ସାହୁ, ବିଶେଶ୍ୱର ରାଉତ, ବାବୁଲି ସାହୁ, ହେମନ୍ତ ଖୁଣ୍ଟିଆ, ଗଣେଶ୍ୱର ବାରିକ, ବିଭୁ ସେନାପତିଙ୍କ ସମେତ ସମସ୍ତ ବ୍ୟବସାୟୀ ଉପସ୍ଥିତ ଥିଲେ। କିଭଳି ଶାନ୍ତିଶୃଙ୍ଖଳାର ସହ ପୂଜା ପାଳନ କରାଯିବ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। ସାମାଜିକ କର୍ମୀ ଅର୍ଜୁନ କୁମାର ସାହୁ ସମସ୍ତ ବ୍ୟବସାୟୀଙ୍କୁ ମାସ୍କ ବଣ୍ଟନ କରିବା ସହ ସାମାଜିକ ଦୂରତ୍ୱ ରକ୍ଷା କରିବା ପାଇଁ ପରାମର୍ଶ ଦେଇଥିଲେ।

### ପଛେଇଥିବା ଚାଷ କାର୍ଯ୍ୟ ଜୋର୍ ଧରିବ

ବଇଣ୍ଡା, ୧୩।୯(ଡି.ଏନ.ଏ.)- ଲଘୁଚାପଜନିତ ବର୍ଷା କିଶୋରନଗର ବ୍ଲକରେ ଚାଷ କାର୍ଯ୍ୟକୁ ଆଗେଇ ନେବ। ରବିବାର ବ୍ଲକ ଅଞ୍ଚଳରେ ୮୨.୪ ମିଲିମିଟର ବର୍ଷା ହୋଇଥିବାବେଳେ ସୋମବାର ସନ୍ଧ୍ୟା ସୁଦ୍ଧା ୯୧.୮ ମିଲିମିଟର ହୋଇଥିବା ରେକର୍ଡ କରାଯାଇଛି। ବ୍ଲକରେ ଥିବା ୮୪୩୨ ହେକ୍ଟର ଧାନ ଚାଷ ଜମି ମଧ୍ୟରୁ ୭୦ ପ୍ରତିଶତରେ ବୁଣା ଓ ରୁଆ କାର୍ଯ୍ୟ ସରିଥିବା ବେଳେ ବଳକା ଜମିରେ ଏବେ ଚାଷ କାର୍ଯ୍ୟ ଶେଷ କରାଯିବ ବୋଲି କୃଷି ବିଭାଗ ପକ୍ଷରୁ ଆକଳନ କରାଯାଇଛି। ତେବେ ବିଭିନ୍ନ ଅଞ୍ଚଳରେ ପରିବା ଚାଷ ନଷ୍ଟ ହୋଇଯାଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି।

### ମାଟି କାନ୍ଥ ଭାଙ୍ଗି ମହିଳା ଗୁରୁତର

ଭୁବନ, ୧୩।୯(ଡି.ଏନ.ଏ.)-ଭୁବନ ବ୍ଲକ ମଠକରଗୋଳା ପଞ୍ଚାୟତ ବଡ଼ମୁକ୍ତାପଶି ଗ୍ରାମରେ ସୋମବାର ଲଗାଣ ବର୍ଷା ଯୋଗୁ ମାଟି କାନ୍ଥ ପଡ଼ି ଜଣେ ମହିଳା ଗୁରୁତର ହୋଇଛନ୍ତି। ସେ ହେଲେ ଗ୍ରାମର ନରେଶ ନାୟକଙ୍କ ସ୍ତ୍ରୀ ଚୁମି ନାୟକ(୩୦)। ଚୁମି ଘରେ ରୋଷେଇ କରୁଥିବା ସମୟରେ ଘରର ମାଟି କାନ୍ଥ ଭୁଶୁଡ଼ି ପଡି ତାଙ୍କ ଉପରେ ପଡ଼ିଥିଲା। ପରିବାର ଲୋକେ ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ମଠକରଗୋଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଛି।

# ଚଳାଚଳ କରିପାରୁନି ଚାରିଚକିଆ

- ୭ କୋଟିର ପିଚୁ ସଡ଼କକୁ ନେଇ ଅସନ୍ତୋଷ
- ୩ ନାଳ ଉପରେ ନିର୍ମାଣ ହେଉନି ବ୍ରିଜ୍
- ହଇରାଣ ହେଉଛନ୍ତି ୫ ପଞ୍ଚାୟତବାସୀ



ସୋଲଣ୍ଡା ନାଳରେ ବର୍ଷା ପାଣି ପ୍ରବାହିତ ହେଉଛି।

ପରିକ୍ଷିତ ସାହୁ
ବଇଣ୍ଡା, ୧୩।୯(ଡି.ଏନ.ଏ.)

ପୂର୍ତ୍ତ ବିଭାଗର ୧୦ କିଲୋମିଟର ରାସ୍ତା ପିଚୁ ହେଲା। ଖର୍ଚ୍ଚ ହେଲା ପାଖାପାଖି ୭ କୋଟି ଟଙ୍କା। ହେଲେ ଦେଢ଼ବର୍ଷ ହେଲା ଏହା ନିର୍ମାଣ ସରିଥିଲେ ମଧ୍ୟ ଚଳାଚଳ କରିପାରୁନି ଚାରିଚକିଆ ଗାଡ଼ି। କାରଣ ଏହି ସଡ଼କରେ ପଡୁଥିବା ୩ଟି ପାହାଡ଼ି ନାଳ ଉପରେ ନିର୍ମାଣ ହୋଇନି ବ୍ରିଜ୍। ଫଳରେ ବର୍ଷା ହେଲେ ନାଳରେ ପାଣିର ପ୍ରଖର ସ୍ରୋତ ଗମନାଗମନରେ ବାଧକ ସାଜୁଛି। ବାଧ ହୋଇ ଅନୁଗୋଳ ଜିଲା କିଶୋରନଗର ବ୍ଲକର ୫ ପଞ୍ଚାୟତବାସୀ ଅନ୍ୟ ରାସ୍ତାରେ ଅଧିକ ୧୦ କିଲୋମିଟର ବୁଲିକରି ଯାଉଛନ୍ତି।

କିଶୋରନଗର ବ୍ଲକ ନୁନୁକାପଶି ପଞ୍ଚାୟତର ବୈଷ୍ଣବ ସାହିଠାରୁ ଭାୟା ଅର୍ଜୁନଧରା ଦେଇ ବିଲେଇନାଳି ପଞ୍ଚାୟତକୁ ସଂଯୋଗ କରୁଛି ପୂର୍ତ୍ତ ବିଭାଗ ରାସ୍ତା। ଏହା ଉପରେ ନୁନୁକାପଶି, ଲୁହାମୁଣ୍ଡା, ଗାଁ ବଇଣ୍ଡା, ବିଲେଇନାଳି, ଉରୁକୁଳା ପଞ୍ଚାୟତର ଶରଧାମୁଣ୍ଡା, ସୋଲଣ୍ଡା, ଅର୍ଜୁନଧରା, ଭେଜିଗୋଠ, ବଡଗୋବିନ୍ଦପୁର, ଗରୁଡ, ଜାମ୍ବବଣିଆ, ସାତପେରେଡିଆ, ବଡବାହଳ, ବଣିନାଳୀ ଆଦି ୧୧ଟି ଗ୍ରାମର ୧୫ ହଜାର ଲୋକ ନିର୍ଭରଶୀଳ। ୨୦୧୮ ଡିସେମ୍ବରରେ ପୂର୍ତ୍ତ ବିଭାଗ ପକ୍ଷରୁ ଏହାର ପିଚୁ କାମ ଆରମ୍ଭ କରାଯାଇଥିଲା। ୨୦୨୦ ଜାନୁୟାରୀରେ କାର୍ଯ୍ୟ ସମାପ୍ତ ହୋଇଥିଲା। ଏଥିପାଇଁ ମୋଟ୍ ୬ କୋଟି ୯୫ ଲକ୍ଷ ଟଙ୍କା ବ୍ୟୟ ହୋଇଥିଲା। କିନ୍ତୁ ଏହି ୧୦.୪ କିଲୋମିଟର ରାସ୍ତାରେ ପଡୁଥିବା ୩ଟି ନାଳ ବାଙ୍କଧର, ସୋଲଣ୍ଡା ଓ ଅର୍ଜୁନଧରା ନାଳ ଉପରେ ବ୍ରିଜ୍ ନିର୍ମାଣ କରାଯାଇ ନାହିଁ। ବର୍ଷା ସମୟରେ ଏହି ନାଳ ଦେଇ ୩ରୁ ୪ ଫୁଟ ପାଣି ପ୍ରବାହିତ ହେଉଥିବାରୁ ଯାତାୟାତ ସମ୍ଭବ ହୋଇପାରୁ ନାହିଁ। ବାରମ୍ବାର ଅଭିଯୋଗ କରାଯିବା ସତ୍ତ୍ୱେ ସରକାରଙ୍କ ପକ୍ଷରୁ ବ୍ରିଜ୍ ନିର୍ମାଣ ନିମନ୍ତେ ପଦକ୍ଷେପ ନିଆଯାଉ ନାହିଁ। ଫଳରେ ୫ ପଞ୍ଚାୟତର ସହସ୍ରାଧିକ ଲୋକ ଦୈନିକ ୭ କିଲୋମିଟର ଦୂର ହଣ୍ଡପା ନଚେତ ୧୦ କିଲୋମିଟର ଦୂର ପଟ୍ଟାପଥର ଦେଇ ଅନ୍ୟତ୍ର ଯିବାଆସିବା କରୁଛନ୍ତି। ଏ ନେଇ ଅର୍ଜୁନଧରା ଗ୍ରାମବାସୀ ୧ ଫେବୃୟାରୀ ୨୦୨୦ ଓ ସୋଲଣ୍ଡା ଗ୍ରାମବାସୀ ୨୫ ମାର୍ଚ୍ଚ ୨୦୨୧ରେ ଜିଲା ପ୍ରଶାସନଠାରୁ ଆରମ୍ଭ କରି ପୂର୍ତ୍ତ ବିଭାଗ ସଚିବ, ସ୍ଥାନୀୟ ଲୋକ ପ୍ରତିନିଧି, ସମ୍ବଲପୁର ଏମ୍‌ପିଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ହେଲେ ଏଯାଏ କୌଣସି ସୁଫଳ ମିଳି ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପୂର୍ତ୍ତ ବିଭାଗ ଏସ୍‌ଡିଓ ଫକୀର ମୋହନ ସାହୁ କହିଛନ୍ତି, ଉକ୍ତ ୩ଟି ନାଳ ଉପରେ ବ୍ରିଜ୍ ନିର୍ମାଣ କରିବା ପାଇଁ ବିଭାଗ ପକ୍ଷରୁ ସରକାରଙ୍କୁ ଅବଗତ କରାଯାଇଛି। ସରକାର ଅର୍ଥ ମଞ୍ଜୁର କଲେ ଖୁବ୍‌ଶୀଘ୍ର କାମ ଆରମ୍ଭ ହେବ।

#### ପୂର୍ତ୍ତ ବିଭାଗର ଦୂରଦୃଷ୍ଟି ଅଭାବ



"ପୂର୍ତ୍ତ ବିଭାଗର ଦୂରଦୃଷ୍ଟି ଅଭାବରୁ ଲୋକଙ୍କୁ ହଇରାଣ ହେବାକୁ ପଡୁଛି। ୩ଟି ଛୋଟ ନାଳ ଉପରେ ପୋଲ ନିର୍ମାଣ ଯୋଜନା ନ କରି ୭ କୋଟି ଟଙ୍କାର ରାସ୍ତା କରିବାର ଲାଭ କ'ଣ ହୋଇଛି ତାହା ସରକାର ଜାଣନ୍ତୁ। ବ୍ରିଜ୍ ନ ଥିବାରୁ ବର୍ଷା ବେଳେ ୧୦ କିଲୋମିଟର ବୁଲିକରି ଯିବାକୁ ପଡୁଛି।

- ଦିଲୀପ କୁମାର ପ୍ରଧାନ, ଅର୍ଜୁନଧରା

#### ଉପଯୁକ୍ତ ଯୋଜନା କରାଯାଇନି



"ନାଳ ଉପରେ ବ୍ରିଜ୍ ନିର୍ମାଣ ନ କରି ରାସ୍ତା କରିଦେଲେ ସମସ୍ୟା ଦୂର ହୋଇଯିବ ନାହିଁ। ସରକାରୀ ଅର୍ଥ ଖର୍ଚ୍ଚ କରାଗଲା ବେଳେ ଉପଯୁକ୍ତ ଯୋଜନା ଉପରେ ଗୁରୁତ୍ୱ ଦିଆଯିବା ଆବଶ୍ୟକ। ତା'ହେଲେ ଜନସାଧାରଣ ଉପକୃତ ହେବେ। ବହୁବାର ଅଭିଯୋଗ ସତ୍ତ୍ୱେ ଦୃଷ୍ଟି ଦିଆଯାଉ ନାହିଁ।

-ନବକିଶୋର ସାହୁ, ସରପଞ୍ଚ, ବିଲେଇନାଳି

#### ଅଭିଯୋଗକୁ ଗୁରୁତ୍ୱ ଦିଆଯାଉନି



"ଦେଢ଼ବର୍ଷ ହେଲା ରାସ୍ତା ନିର୍ମାଣ ସରିଲାଣି। କିନ୍ତୁ ନାଳ ଉପରେ ବ୍ରିଜ୍ ନିର୍ମାଣ ହେଉ ନ ଥିବାରୁ ୧୧ଟି ଗ୍ରାମର ଲୋକେ ଯାତାୟାତରେ ସମସ୍ୟା ଭୋଗୁଛନ୍ତି। ଏ ନେଇ ଗ୍ରାମବାସୀଙ୍କ ପକ୍ଷରୁ ବହୁବାର ବିଭାଗ ନିକଟରେ ଅଭିଯୋଗ କରାଯାଇଛି। ହେଲେ ଗୁରତ୍ୱ ଦିଆଯାଉ ନାହିଁ।

-ମଦନ ବିଶ୍ୱାଳ, ଭେଜିଗୋଠ

#### ଅଧିକାରୀଙ୍କ ଅବହେଳା ଦାୟୀ



"ବଇଣ୍ଡାରୁ ସୋଲଣ୍ଡାର ଦୂରତ୍ୱ ମାତ୍ର ୪ କିଲୋମିଟର। କିନ୍ତୁ ପୂର୍ତ୍ତ ରାସ୍ତାରେ ଥିବା ନାଳ ଉପରେ ବ୍ରିଜ୍ ନିର୍ମାଣ ହେଉ ନ ଥିବାରୁ ୭ କିଲୋମିଟର ବୁଲିକି ଯିବାକୁ ପଡୁଛି। ୭ କୋଟି ଟଙ୍କା ଖର୍ଚ୍ଚ ପରେ ମଧ ଲୋକଙ୍କୁ ଯାତାୟାତରେ ହଇରାଣ ହେବାକୁ ପଡୁଛି। ବିଭାଗୀୟ ଅଧିକାରୀଙ୍କ ଅବହେଳା ଦାୟୀ।

-ଶ୍ରୀଧର ମାଝି, ସୋଲଣ୍ଡା

#### ସରକାରଙ୍କ ଦୃଷ୍ଟିଆକର୍ଷଣ କରାଯିବ



"ପୂର୍ତ୍ତ ବିଭାଗର ଉକ୍ତ ରାସ୍ତାରେ ଥିବା ୩ଟି ନାଳ ଉପରେ କିପରି ବ୍ରିଜ୍ ନିର୍ମାଣ ହେବ ସେ ନେଇ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଯାଇଛି। ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇ ଖୁବ୍‌ଶୀଘ୍ର ଏ ଦିଗରେ ପଦକ୍ଷେପ ନିଆଯିବ। ଲୋକଙ୍କ ସମସ୍ୟା ଦୂର କରିବାକୁ ଉଦ୍ୟମ ଜାରି ରହିଛି।

-ରମେଶ ଚନ୍ଦ୍ର ସାଏ, ବିଧାୟକ, ଆଠମଲ୍ଲିକ

### ଶିକ୍ଷାକ୍ଷେତ୍ରରେ ଜେଏସ୍‌ପିଏଲ୍ ମେଧାବୃତ୍ତି ଘୋଷଣା

ଅନୁଗୋଳ ଅଫିସ, ୧୩।୯

ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଲିମିଟେଡ୍ (ଜେଏସ୍‌ପିଏଲ୍)ର ପ୍ରତିଷ୍ଠାତା ଓମ୍ ପ୍ରକାଶ ଜିନ୍ଦଲଙ୍କ ସ୍ମୃତିରେ ଜେଏସ୍‌ପିଏଲ୍ ଫାଉଣ୍ଡେଶନ ତରଫରୁ ଆର୍ଥିକ ଅନଗ୍ରସର ବର୍ଗର ମେଧାବୀ ଛାତ୍ରୀଛାତ୍ରମାନଙ୍କ ପାଇଁ ଓପି ଜିନ୍ଦଲ ଷ୍ଟାର ଏବଂ ଓପି ଜିନ୍ଦଲ ଜୁଏଲ ନାମରେ ଦୁଇଟି ମେଧାବୃତ୍ତି ଘୋଷଣା କରାଯାଇଛି। ଚଳିତବର୍ଷ ୧୦ମ ଶ୍ରେଣୀ ପାସ କରି +୨ ପ୍ରଥମ ବର୍ଷ (ବିଜ୍ଞାନ)ରେ ଅଧ୍ୟୟନ କରୁଥିବା ୨୦ ଜଣ ଛାତ୍ରୀଛାତ୍ରୀଙ୍କୁ ଓପି ଜିନ୍ଦଲ ଷ୍ଟାର ମେଧାବୃତ୍ତି ପ୍ରଦାନ କରାଯିବ। ସେହିପରି +୨(ବିଜ୍ଞାନ) ପାସ କରି ଇଞ୍ଜିନିୟରିଂ କିମ୍ବା ମେଡିକାଲ ଏବଂ ଆଇନ ଭଳି ସ୍ନାତକୋତ୍ତର ପାଠ୍ୟକ୍ରମରେ ଅଧ୍ୟୟନରତ ଥିବା ପ୍ରଥମ ବର୍ଷର ୧୦ ଜଣ ଛାତ୍ରୀଛାତ୍ରୀଙ୍କୁ ଓପି ଜିନ୍ଦଲ ଜୁଏଲ ମେଧା ବୃତ୍ତି ପ୍ରଦାନ କରାଯିବ। ନିର୍ଦ୍ଧାରିତ ସର୍ତ୍ତ ପୂରଣ କରୁଥିବା ଛାତ୍ରୀଛାତ୍ରୀମାନଙ୍କୁ ଉଚ୍ଚଶିକ୍ଷା ନିମନ୍ତେ ଏହି ମେଧା ବୃତ୍ତି ପ୍ରଦାନ କରାଯିବ ବୋଲି ଜେଏସ୍‌ପିଏଲ୍ ଫାଉଣ୍ଡେଶନ ପକ୍ଷରୁ କୁହାଯାଇଛି। ଇଚ୍ଛୁକ ଛାତ୍ରୀଛାତ୍ରମାନେ ଅଧିକ ବିବରଣୀ ନିମନ୍ତେ ଜେଏସ୍‌ପିଏଲ୍ ସିଏସ୍‌ଆର୍ ବିଭାଗ ଅଧିକାରୀ ତାପସ ମହାନ୍ତିଙ୍କୁ ମୋବାଇଲ ନମ୍ବର ୯୭୭୭୪୩୮୯ରେ ଯୋଗାଯୋଗ କରିପାରିବେ।

### ଶିଶୁଙ୍କୁ ଶିକ୍ଷା ଉପକରଣ ବଣ୍ଟନ

ଢେଙ୍କାନାଳ ଅଫିସ, ୧୩।୯

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ଲାଉଲଇ ପଞ୍ଚାୟତର ଦରହସାହି ଗ୍ରାମରେ 'ହେଲ୍‌ପ କମ୍ୟୁନିଟି ହେଲ୍‌ପ୍ ପିପୁଲ' ସଙ୍ଗଠନ ପକ୍ଷରୁ ପୁସ୍ତକ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟ ନିର୍ଦ୍ଦେଶକ ନିଗମ ସାହୁ, ସଭାପତି ଅଜୟ ନାଥ, ସହ ନିର୍ଦ୍ଦେଶକ ମାନସ ସାହୁ, ଗ୍ରାମର ଦଶରଥ ସାହୁ, ବିଶ୍ୱଜିତ୍ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଛାତ୍ରୀଛାତ୍ରଙ୍କୁ ଖାତା, ବହି, କଲମ, ଖାଦ୍ୟ ସାମଗ୍ରୀ ବଣ୍ଟନ କରାଯାଇଥିଲା।

# ୪୯ ଅଙ୍ଗନୱାଡ଼ି କେନ୍ଦ୍ରର ନିଜସ୍ୱ ଗୃହ ନାହିଁ

ଭୁବନ, ୧୩।୯(ଡି.ଏନ୍.ଏ.)

- ଭୁବନ ବ୍ଲକ ସମନ୍ୱିତ ଶିଶୁ ବିକାଶ ଯୋଜନା
- ଭଡ଼ାଘରେ ଗଢ଼ା ଚାଲିଛି ଭବିଷ୍ୟତ
- ମଞ୍ଜୁର ହୋଇଥିବା ଅର୍ଥ କାମରେ ଲାଗୁନି
- ବିବାଦ ପାଇଁ ନିରୂପଣ ହୋଇପାରୁନି ଜାଗା

ଶିଶୁ ହେଉଛନ୍ତି ଭବିଷ୍ୟତର ସମ୍ପଦ। ସେମାନଙ୍କୁ ସୁଷମ ଖାଦ୍ୟ ଯୋଗାଇଦେବାଠାରୁ ଆରମ୍ଭ କରି ସୁରକ୍ଷିତ ପରିବେଶରେ ଶିକ୍ଷାଦାନ ଲାଗି ଅନେକ ଯୋଜନା କରିଛନ୍ତି ସରକାର। ଅଙ୍ଗନୱାଡି କେନ୍ଦ୍ର ମାଧ୍ୟମରେ ପ୍ରାକ୍ ବିଦ୍ୟାଳୟ ଶିକ୍ଷା, ଅପପୁଷ୍ଟିରୁ ରକ୍ଷା ଆବଶ୍ୟକ ପୌଷ୍ଟିକ ଖାଦ୍ୟ ସର୍ବୋପରି ମାରାତ୍ମକ ରୋଗରୁ ସୁରକ୍ଷା ଲାଗି ୦ରୁ ୫ ବର୍ଷର ଶିଶୁଙ୍କ ଟିକାକରଣକୁ ଗୁରୁତ୍ୱ ଦିଆଯାଉଛି। ହେଲେ ଢେଙ୍କାନାଳ ଜିଲା ଭୁବନ ବ୍ଲକରେ ଏଭଳି କୋମଳମତି ଶିଶୁଙ୍କ ଭବିଷ୍ୟତ ଗଢ଼ା ଚାଲିଛି ଭଡ଼ାଘରେ। ବ୍ଲକର ୪୯ ଅଙ୍ଗନୱାଡିର ନିଜସ୍ୱ କେନ୍ଦ୍ର ନାହିଁ। ଏହି ସବୁ କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟର ଅତିରିକ୍ତ ଶ୍ରେଣୀଗୃହ, ଗୋଷ୍ଠୀ କେନ୍ଦ୍ର ଏବଂ ଭଡ଼ାଘରେ ଚାଲିଛି। ସମନ୍ୱିତ ଶିଶୁ ବିକାଶ ଯୋଜନା (ଆଇସିଡିଏସ୍)ରେ ଦୀର୍ଘଦିନ ଧରି ଲାଗି ରହିଥିବା ଏଭଳି ଅବ୍ୟବସ୍ଥାରୁ ମୁକୁଳିବାକୁ ବାଟ ମିଳୁ ନ ଥିବାବେଳେ ଅଭିଭାବକମାନେ ଶିଶୁଙ୍କ ସୁରକ୍ଷା ନେଇ ଚିନ୍ତା ପ୍ରକାଟ କରିଛନ୍ତି।

ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଭୁବନ ବ୍ଲକର ୧୮ ପଞ୍ଚାୟତରେ ୨୧୬ ଏବଂ ଏନ୍‌ଏସିର ୧୫ ୱାର୍ଡରେ ୫୪ଟି ଅଙ୍ଗନୱାଡି କେନ୍ଦ୍ର ରହିଛି। ମୋଟ୍ ୨୭୦ ଅଙ୍ଗନୱାଡି କେନ୍ଦ୍ର ମଧ୍ୟରୁ ୨୨୧ଟିର ନିଜସ୍ୱ ଗୃହ ରହିଥିବାବେଳେ ଅବଶିଷ୍ଟ କେନ୍ଦ୍ର ବିଭିନ୍ନ ସ୍ଥାନରେ ଚାଲିଛି। ଏନ୍‌ଏସିରେ ଥିବା ୩୪ନଂ. ଅଙ୍ଗନୱାଡି କେନ୍ଦ୍ର ଭଡ଼ାଘରେ ଚାଲୁଥିବାବେଳେ, ବିଭିନ୍ନ ପ୍ରାଥମିକ ବିଦ୍ୟାଳୟର ଅତିରିକ୍ତ ଶ୍ରେଣୀଗୃହରେ ୨୬ ଏବଂ କମ୍ୟୁନିଟି ସେଣ୍ଟରରେ ୨୨ରେ କେନ୍ଦ୍ର ପରିଚାଳିତ ହେଉଛି। ଅଙ୍ଗନୱାଡି କେନ୍ଦ୍ରର ନିଜସ୍ୱ ଗୃହ ଲାଗି ସରକାର ଗୁରୁତ୍ୱ ଦେଉଛନ୍ତି। ହେଲେ ଜାଗା ଚିହ୍ନଟ ହୋଇପାରୁ ନ ଥିବାରୁ ସମ୍ପୃକ୍ତ ୪୯ ଅଙ୍ଗନୱାଡି କେନ୍ଦ୍ର ବିଭିନ୍ନ ସ୍ଥାନରେ ଚାଲିଛି। ଏହାକୁ ନେଇ ବିଭିନ୍ନ ସମୟରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଛି। ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଉଥିବା ଖେଳଣା ସମେତ ଅନ୍ୟ ଉପକରଣ ତଦାରଖ କରାଯାଇପାରୁନାହିଁ। ଫଳରେ ଶିକ୍ଷଣ କାର୍ଯ୍ୟକ୍ରମ ବାଧାପ୍ରାପ୍ତ ହେଉଛି। ଏଥିପ୍ରତି ସ୍ଥାନୀୟ ପ୍ରଶାସନ ଗୁରୁତ୍ୱ ଦେଲେ ସମସ୍ୟାର ସମାଧାନ ହୋଇପାରିବ ବୋଲି ଅଭିଭାବକ, ଅଙ୍ଗନୱାଡି କର୍ମୀ ଏବଂ ବୁଦ୍ଧିଜୀବୀ ଦାବି କରିଛନ୍ତି। ଅନ୍ୟପଟେ ବ୍ଲକର ସିଡିପିଓ ପଦବୀ ମାସେ ହେଲା ଖାଲି ପଡ଼ିଛି। ଫଳରେ ବିଭାଗୀୟ କର୍ମଚାରୀମାନେ ଅତିରିକ୍ତ ଦାୟିତ୍ୱ ସମ୍ଭାଳୁଥିବା ଜଣାପଡ଼ିଛି।

ଏ ସଂକ୍ରାନ୍ତରେ ବିଡିଓ ଆଶୀର୍ବାଦ ପରିଡ଼ା କୁହନ୍ତି, ସମସ୍ତ ଅଙ୍ଗନୱାଡି କେନ୍ଦ୍ରର ଗୃହ ନିର୍ମାଣ କରିବାକୁ ସରକାରୀ ନିର୍ଦ୍ଦେଶନାମା ଆସିଛି। ଏଥିଲାଗି ଅର୍ଥ ମଧ୍ୟ ମଞ୍ଜୁର ହୋଇଛି। ହେଲେ କେତେକ ସ୍ଥାନରେ ଅଞ୍ଚଳବାସୀଙ୍କ ସହଯୋଗ ଅଭାବ ରହୁଛି। ଜମି ନିରୂପଣ ହୋଇପାରୁ ନ ଥିବାରୁ ଗୃହ ନିର୍ମାଣ ହୋଇପାରୁନାହିଁ। ଏବେ କରୋନା ମହାମାରୀ ପାଇଁ ଅଙ୍ଗନୱାଡି କେନ୍ଦ୍ରଗୁଡ଼ିକ ବନ୍ଦ ରହିଛି। ବ୍ଲକ ପ୍ରଶାସନ ଏବଂ ତହସିଲ ପ୍ରଶାସନ ମଧ୍ୟରେ ସମନ୍ୱୟ ରଖି ବିହିତ ପଦକ୍ଷେପ ନିଆଯିବ ବୋଲି ବିଡିଓ ସୂଚନା ଦେଇଛନ୍ତି।



ଭୁବନ ବ୍ଲକ କାର୍ଯ୍ୟାଳୟ।

### ଏମ୍‌ପି, ଜିଲାପାଳଙ୍କୁ ଦାବିପତ୍ର

**ବନ୍ତଳା, ୧୩।୯(ଡି.ଏନ.ଏ.):** ଅନୁଗୋଳ ଜିଲା ସଂଯୁକ୍ତ ସେବା ସମବାୟ କେନ୍ଦ୍ର ବ୍ୟାଙ୍କ ଅଧୀନରେ ଥିବା ପୋକଡୁଙ୍ଗା ସେବା ସମବାୟ ସମିତିରୁ ଋଣ ନେଇଥିବା ଚାଷୀଙ୍କ ଫସଲ ବୀମା କରାଯାଇନି। ଫଳରେ ସମୁଦାୟ ୬୬୨ ଜଣ ଋଣ ଚାଷୀ ବୀମା ପାଇବାରୁ ବଞ୍ଚିତ ହୋଇଛନ୍ତି। ଏ ନେଇ ପୋକଡୁଙ୍ଗା, ଧୋକୁଟା, ନନ୍ଦପୁର ପଞ୍ଚାୟତର ଚାଷୀମାନେ ଢେଙ୍କାନାଳ ଏମ୍‌ପି ମହେଶ ସାହୁ ଓ ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି।


No.A-446

**GOVERNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER, MAYURBHANJ IRRIGATION DIVISION, BARIPADA**
e-mail: exen.mid@gmail.com FAX/TEL: 06792-295472

**"E" PROCUREMENT NOTICE NO. 02MBJ/2021-22.**

| | | |
|---|---|---|
| 1. Name of works | : | Bank protection works, canal and road works as mentioned in the website. |
| 2. Total no. of works | : | 10 (Ten) nos. of work. |
| 3. Estimated cost | : | Varies from 7.96 lakhs to 32.70 lakhs |
| 4. Class of Contractor | : | 'D' & 'C' and 'C' & 'B' |
| 5. Period of completion | : | As mentioned against work. |
| 6. Other details as follows : | | |
| (i) Procurement Officer | : | Superintending Engineer, Mayurbhanj Irrigation Division, Baripada |
| (ii) Availability of Tender online for bidding | : | **15.09.2021 from 10.00 Hours to 29.09.2021 up to 17.00 Hours.** |
| (iii) Date, time and place of opening of Bid. | : | **On 30.09.2021 at 11.00 Hours** in the O/o the Superintending Engineer, Mayurbhanj Irrigation Division, Baripada |
| (iv) Date of Transparent Lottery to be conducted (if required) | : | **On dt. 05.10.2021 at 11.00 AM.** |
| 7. Further details can be seen from the 'e' Procurement Portal http://tendersorissa.gov.in | | |

**Sd./- Superintending Engineer,**
**Mayurbhanj Irrigation Division, Baripada**
OIPR-32158/11/0006/2122


# ହିଙ୍ଗୁଳା ପୀଠରେ ନୂଆଖାଇ ପର୍ବ

ତାଳଚେର, ୧୩।୯(ନି.ପ୍ର.)

ତାଳଚେରର ଅଧିଷ୍ଠାତ୍ରୀ ଦେବୀ ମା' ହିଙ୍ଗୁଳାଙ୍କ ଗୋପାଳପ୍ରସାଦସ୍ଥିତ ପୀଠ ପରିସରରେ ନୂଆଖାଇ ପର୍ବ ସୋମବାର ନିରାଡମ୍ବର ଭାବେ ପାଳିତ ହୋଇଯାଇଛି। ପୂର୍ବାହ୍ନ ୧୧ଟା ୪୫ରେ ଦିଅଁ ଘରୁ ମା'ଙ୍କ ଆଲାମକୁ ବଡମଣ୍ଡପକୁ ବିଜେ କରାଯାଇଥିଲା। ସେଠାରେ ମନ୍ଦିରର ମୁଖ୍ୟ ପୂଜକ ହୃଦାନନ୍ଦ ଦେହୁରୀ ମା' ହିଙ୍ଗୁଳା, କୁଟେଇଶୁଣୀ, କରଡେଇ, ଅନ୍ଧାରୀଶୁଣୀ ଓ ମା' ଚଣ୍ଡୀଙ୍କୁ ପୂଜାର୍ଚ୍ଚନା କରିଥିଲେ। ଏହି ଅବସରରେ ନୂଆ ଚାଉଳରେ ସ୍ୱତନ୍ତ୍ର ଖିରିଭୋଗ ପ୍ରସ୍ତୁତ କରାଯାଇ ମା'ଙ୍କ ପାଖରେ ଲାଗି କରାଯାଇଥିଲା। ଏହି ପରମ୍ପରାକୁ ସ୍ଥାନୀୟ ଭାଷାରେ ମା' ହିଙ୍ଗୁଳାଙ୍କ ନଖୀ ପୂଜା ବୋଲି କୁହାଯାଇଥାଏ। ଉକ୍ତ ଭୋଗକୁ ଏହି ଦିନରେ ପ୍ରସାଦ ଭାବେ ଗ୍ରହଣ କଲେ ବର୍ଷସାରା ସୁସ୍ୱାଦୁ ଖାଦ୍ୟ ମିଳେ ବୋଲି ଶ୍ରଦ୍ଧାଳୁମାନଙ୍କ ମଧ୍ୟରେ ବିଶ୍ୱାସ ରହିଛି। ତେବେ କରୋନା କଟକଣା ଯୋଗୁ ମା'ଙ୍କ ପୀଠକୁ ଶ୍ରଦ୍ଧାଳୁମାନେ ନ ଆସିବା ପାଇଁ ପୂର୍ବରୁ ମନ୍ଦିର ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଥିଲା। ଏହି ଉତ୍ସବରେ ପୂଜକ କିଶୋର ଚନ୍ଦ୍ର ଦେହୁରୀ, ଟଙ୍କଧର ଦେହୁରୀ, ଟ୍ରଷ୍ଟ ବୋର୍ଡ ସଦସ୍ୟ ରାଜେନ୍ଦ୍ର କୁମାର ସିଂହ, ସନ୍ତୋଷ କୁମାର ପ୍ରଧାନ ପ୍ରମୁଖଙ୍କ ସମେତ ସ୍ୱଳ୍ପ ସେବାୟତ ଉପସ୍ଥିତ ଥିଲେ। ମା'ଙ୍କ ଏହି ପର୍ବ ପାଳନ ନିମନ୍ତେ ରବିବାର ତାଳଚେର ରାଜାଙ୍କ ପ୍ରତିନିଧି ରାଜେନ୍ଦ୍ର କୁମାର ସିଂହଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଗୋପାଳପ୍ରସାଦସ୍ଥିତ ହିଙ୍ଗୁଳା ପୀଠରେ ଅନୁଷ୍ଠିତ ହୋଇଥିଲା। ପଣ୍ଡିତ ସୁରେଶ ଚନ୍ଦ୍ର ଧର ପଞ୍ଜିକା ଦେଖି ମା'ଙ୍କ ନୂଆଁଖାଇ ପର୍ବର ତିଥି ନିର୍ଦ୍ଧାରଣ କରିଥିଲେ।



ନୂଆଖାଇ ପର୍ବ ପାଳନ ଅବସରରେ ମା' ହିଙ୍ଗୁଳାଙ୍କ ପୂଜାର୍ଚ୍ଚନା କରାଯାଉଛି।


**ସୋନପୁର ପୌର ପରିଷଦ କାର୍ଯ୍ୟାଳୟ, ସୁବର୍ଣ୍ଣପୁର**

**ପତ୍ର ସଂଖ୍ୟା: ୪୮୨୪** **ତା: ୦୯।୦୯।୨୦୨୧**

**No. C-947:-** ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ୱାର୍ଡ ନଂ. ୦୮ରେ ଥିବା ଉପ-ନିର୍ବାହୀ ଯନ୍ତ୍ରୀ (ରାସ୍ତା ଓ କୋଠା), ଉପ-ବିଭାଜନ, ସୋନପୁର କାର୍ଯ୍ୟାଳୟ ନିକଟ ତଥା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପାର୍ଶ୍ୱ ଭେଣ୍ଡିଙ୍ଗ ଜୋନରୁ ୫ ଗୋଟି (କ୍ରମିକ ନମ୍ବର ୧ରୁ ୫) ଦୋକାନ ଗୃହଗୁଡ଼ିକ ଲଟେରୀ ଦ୍ୱାରା ଆବଣ୍ଟନ କରାଯିବ । ଆଗ୍ରହୀ ବ୍ୟକ୍ତିମାନେ ସୋନପୁର ପୌର ପରିଷଦ କାର୍ଯ୍ୟାଳୟରୁ ଟ.୨୦୦/- ମୂଲ୍ୟ ଦେଇ ଆବଶ୍ୟକ ଫର୍ମ କ୍ରୟ କରିପାରିବେ । ଏହା ସହିତ ଧାର୍ଯ୍ୟ ଅମାନତ ରାଶି ବ୍ୟାଙ୍କ ଡ୍ରାଫ୍ଟ ମାଧ୍ୟମରେ Executive Officer, Sonepur Municipalityଙ୍କ ନାମରେ ଜମା ଦେବେ । ତା୨୨।୦୯।୨୦୨୧ ଦିବା ୧୧.୦୦ଟା ସୁଦ୍ଧା ନିର୍ଦ୍ଧାରିତ ଦରଖାସ୍ତ ଫର୍ମରେ ନିଜର ସମ୍ପୂର୍ଣ୍ଣ ବିବରଣୀ, ଫର୍ମ କ୍ରୟ ରସିଦ ଓ ଅମାନତ ରାଶି ଡ୍ରାଫ୍ଟ ସହିତ କାର୍ଯ୍ୟାଳୟ ଟେଣ୍ଡର ବାକ୍ସରେ ଦାଖଲ କରିବେ । ତା୨୨।୦୯।୨୦୧୧ ଅପରାହ୍ନ ୧୨.୦୦ ଘଣ୍ଟା ସମୟରେ ପୌର ପରିଷଦ କାର୍ଯ୍ୟାଳୟରେ ଟେଣ୍ଡର ବାକ୍ସକୁ ଖୋଲାଯିବ ଏବଂ ସମସ୍ତ ଆବେଦନକୁ ଚୟନ କମିଟିକୁ ପରବର୍ତ୍ତୀ ପ୍ରକ୍ରିୟା ନିମନ୍ତେ ହସ୍ତାନ୍ତରଣ କରାଯିବ । ଏହାର ନିର୍ଦ୍ଧାରିତ ମୂଲ୍ୟ, ଅମାନତ ରାଶି ଓ ମାସିକ ଭଡ଼ାର ବିବରଣୀ ତଥା ବଣ୍ଟନ ସର୍ତ୍ତାବଳୀ ନିମ୍ନରେ ପ୍ରଦାନ କରାଗଲା ।

| କ୍ରମିକ ନଂ. | ଭେଣ୍ଡିଙ୍ଗ ଜୋନର ଅବସ୍ଥିତି | ଦୋକାନ ଗୃହର ଆକାର | ଅମାନତ ରାଶି | ଦୋକାନ ଗୃହର ମାସିକ ଭଡ଼ା |
|---|---|---|---|---|
| ୧ | ଉପ-ନିର୍ବାହୀ ଯନ୍ତ୍ରୀ (ରାସ୍ତା ଓ କୋଠା), ଉପ-ବିଭାଜନ, ସୋନପୁର କାର୍ଯ୍ୟାଳୟ ନିକଟ ତଥା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପାର୍ଶ୍ୱ ଭେଣ୍ଡିଙ୍ଗ ଜୋନ, ୱାର୍ଡ ନଂ.୮ | ୭'x୬' ଷ୍ଟଲ ନଂ.୧ରୁ ୫ (୫ ଗୋଟି) | ଟ.୧୦୦୦୦ | ଟ.୫୦୦ |

**ସର୍ତ୍ତାବଳୀ**

୧. ପୂର୍ବ ବର୍ଷର ବକେୟା ଥିବା କିମ୍ବା କଳା ତାଲିକାଭୁକ୍ତ ବ୍ୟକ୍ତି ଏଥିରେ ଅଂଶଗ୍ରହଣ କରିପାରିବେ ନାହିଁ ।
୨. ଏଥିରେ ଭାଗ ନେବା ବ୍ୟକ୍ତି ସୋନପୁର ପୌର ପରିଷଦ ଅଞ୍ଚଳର ସ୍ଥାୟୀ ବାସିନ୍ଦା ହୋଇଥିବେ ।
୩. ଗୋଟିଏ ପରିବାରର କେବଳ ଜଣେ ମାତ୍ର ବ୍ୟକ୍ତି ଆବେଦନ କରିପାରିବେ ।
୪. ଯେଉଁ ବ୍ୟକ୍ତିମାନେ Street Vendor ହିସାବରେ ସୋନପୁର ପୌର ପରିଷଦରେ ତାଲିକାଭୁକ୍ତ ଥିବେ କିମ୍ବା ପୌର ପରିଷଦରୁ Letter of recommendation (LOR) ପ୍ରାପ୍ତ ହୋଇଥିବେ ଏବଂ କୌଣସି ସ୍ଥାୟୀ ଦୋକାନ କରି ନ ଥିବେ କେବଳ ସେହି ବ୍ୟକ୍ତିବିଶେଷମାନେ ଆବେଦନ କରିପାରିବେ ।
୫. ସମସ୍ତ ଦରଖାସ୍ତକୁ ଏକ କମିଟି ଦ୍ୱାରା ଯାଞ୍ଚ କରାଯିବ ଏବଂ ଯୋଗ୍ୟ ବିବେଚିତ ଆବେଦନକାରୀଙ୍କ ମଧ୍ୟରେ ଲଟେରୀ ଦ୍ୱାରା ଚୟନ କରାଯିବ ।
୬. ଯେଉଁ ବ୍ୟକ୍ତିମାନେ ପୂର୍ବରୁ ଥିବା ପୌର ପରିଷଦ ଦୋକାନଗୃହ ପାଇଥିବେ ତାଙ୍କ ଆବେଦନକୁ ବିଚାରକୁ ନିଆଯିବ ନାହିଁ ।
୭. ଗଠନ ହୋଇଥିବା ଚୟନ କମିଟି ଦୋକାନ ଆବଣ୍ଟନ ବାବଦରେ ଚୂଡ଼ାନ୍ତ ନିଷ୍ପତ୍ତି ଗ୍ରହଣ କରିପାରିବେ ।

OIPR-13098/11/0004/2122 **ସ୍ୱା./- କାର୍ଯ୍ୟନିର୍ବାହୀ ଅଧିକାରୀ, ସୋନପୁର ପୌର ପରିଷଦ**

